## ସ୍ମାର୍ଟ ପସନ୍ଦ କରିବାକୁ ଚାହାନ୍ତି ତ ସାଙ୍ଗେ ସାଙ୍ଗେ ଆମକୁ ସମ୍ପର୍କ କରନ୍ତୁ

| | |
|---|---|
| ୱେବ୍‌ସାଇଟ୍ | reliancegeneral.co.in |
| କଲ୍ | 1800 3009 (ନିଃଶୁଳ୍କ)<br>022-4890 3009 (ଶୁଳ୍କ ଲାଗିବ) |
| ହ୍ୱାଟ୍‌ସଆପ୍ | 74004 22200 |

## ଆମ ଇନ୍‌ସ୍ୟୋରାନ୍‌ସ ଆଡ୍‌ଭାଇଜର୍ ଙ୍କୁ ସମ୍ପର୍କ କରନ୍ତୁ

ବ୍ରୋବଟ୍ ସ୍ପୀଡ୍ ଚାହାନ୍ତି ?
ଆମ ସହିତ ଡିଜିଟଲ୍ ହୁଅନ୍ତୁ ।

RELIANCE Selfi

App Store | Google Play

**ରିବେଟ୍ ନିଷିଦ୍ଧ – ଇନ୍‌ସ୍ୟୋରାନ୍‌ସ ଆକ୍ଟ, 1938 ର ଧାରା 41, ଯାହା ଇନ୍‌ସ୍ୟୋରାନ୍‌ସ ଲ'ଜ୍ (ଆମେଣ୍ଡମେଣ୍ଟ) ଆକ୍ଟ, 2015 ଦ୍ୱାରା ସଂଶୋଧନ କରାଯାଇଛି।**
କୌଣସି ବ୍ୟକ୍ତି କାହାରିକୁ ଭାରତରେ ଜୀବନ କି ସମ୍ପତ୍ତି ସମ୍ବନ୍ଧିତ ଆପଦ ସକାଶେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଲୋଭ ରୂପେ ବୀମା ନେବା ବା ପୁନଃନବୀକରଣ କରାଇବା ଅଥବା ଜାରି ରଖିବା ସକାଶେ ଦେୟ ହେବାକୁ ଥିବା କମିଶନ'ର ପୂରା ବା ଆଂଶିକ ରିବେଟ୍ କିମ୍ବା ପଲିସୀରେ ଉଦ୍ଧୃତ ପ୍ରିମିଅମରେ ରିବେଟ୍ ଲାଗି ଅନୁମତି ଦେବେ ନାହିଁ କି ଦେବାକୁ ଅଫର୍ କରିବେ ନାହିଁ, ବା ବୀମା ନେଉଥିବା କି ପୁନଃନବୀକରଣ କରାଉଥିବା ବା ଜାରି ରଖୁଥିବା ବ୍ୟକ୍ତି, ବୀମାକାରୀଙ୍କ ପ୍ରକାଶିତ ପ୍ରସ୍‌ପେକ୍ଟସ୍ ବା ସାରଣୀରେ ଅନୁମତ ରିବେଟ୍ ବ୍ୟତିରେକ ଅନ୍ୟ କିଛି ରିବେଟ୍ ସ୍ୱୀକାର କରିବେ ନାହିଁ। ଏହି ଧାରାର ବ୍ୟବସ୍ଥା ପାଳନ କରିବାରେ ଅବହେଳା କରୁଥିବା ବ୍ୟକ୍ତିଙ୍କୁ ଜୋରିମାନା ଦେବାକୁ ହେବ, ଯାହା ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ।

**ଲାଭ ବିବରଣୀ, କଭରେଜ୍, ସର୍ତ୍ତ ଓ ନିୟମାବଳୀ ଏବଂ ଏକ୍ସକ୍ଲୁଜନ୍‌ସ ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ବିବରଣୀ ଜାଣିବା ସକାଶେ, ଦେଖନ୍ତୁ ୱେବ୍‌ସାଇଟ୍ www.reliancegeneral.co.in ଏବଂ ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା, ପ୍ରସ୍‌ପେକ୍ଟସ୍ ଆଉ ପଲିସୀ ଶବ୍ଦାବଳୀକୁ ଧ୍ୟାନପୂର୍ବକ ପଢ଼ନ୍ତୁ। କର ନିୟମନ ବଦଳିବା ଉପରେ ନିର୍ଭର କରେ।**

**ଆଇଆର୍‌ଡିଏଆଇ ରେଜି. ନ. 103. ରିଲାଏନ୍‌ସ ଜେନେରଲ୍ ଇନ୍‌ସ୍ୟୋରାନ୍‌ସ କମ୍ପାନୀ ଲିମିଟେଡ**
ପଞ୍ଜୀକୃତ ଏବଂ କର୍ପୋରେଟ୍ କାର୍ଯ୍ୟାଳୟ: ରିଲାଏନ୍‌ସ ସେଣ୍ଟର, ସାଉଥ୍ ୱିଙ୍ଗ, 4ର୍ଥ ମହଲା, ଅଫ୍. ୱେଷ୍ଟର୍ନ ଏକ୍ସପ୍ରେସ୍ ହାଇୱେ, ସାନ୍ତାକୃଜ (ପୂର୍ବ), ମୁମ୍ବଇ-400055. କର୍ପୋରେଟ୍ ଆଇଡେଣ୍ଟିଟୀ ନମ୍ବର: U66603MH2000PLC128300.
ରିଲାଏନ୍‌ସ ଟୁ-ହୁଇଲର ପ୍ୟାକେଜ୍ ପଲିସୀ UIN: IRDAN103RP0011V02100001.
ଦୁଇ ଚକିଆ ଯାନ ପାଇଁ ନିୟମିତ ଆଲାଉନ୍‌ସ ସୁବିଧା UIN: IRDAN103RP0011V02100001/A0002V02201415.
ଦୁଇ ଚକିଆ ଯାନ ପାଇଁ ହେଲ୍‌ମେଟ୍ କଭର UIN: IRDAN103RP0011V02100001/A0033V02200910.
ଦୁଇ ଚକିଆ ଯାନ ପାଇଁ ଇଏମଆଇ ସୁରକ୍ଷା UIN: IRDAN103RP0011V02100001/A0007V02201415.
ଦୁଇ ଚକିଆ ଯାନ ପାଇଁ କୌଣସି ମୂଲ୍ୟହ୍ରାସ ନାହିଁ UIN: IRDAN103RP0011V02100001/A0004V02200910.
ଉପରେ ପ୍ରଦର୍ଶିତ ଟ୍ରେଡ୍ ଲୋଗୋ ର ସ୍ୱତ୍ତ୍ୱାଧିକାରୀ ହେଉଛନ୍ତି ଅନିଲ ଧୀରୁଭାଇ ଅମ୍ବାନୀ ଭେଞ୍ଚର୍‌ସ ପ୍ରାଇଭେଟ ଲିମିଟେଡ ଏବଂ ଲାଇସେନ୍‌ସ ଅନ୍ତର୍ଗତ ରିଲାଏନ୍‌ସ ଜେନେରଲ୍ ଇନ୍‌ସ୍ୟୋରାନ୍‌ସ କମ୍ପାନୀ ଲିମିଟେଡ ଦ୍ୱାରା ବ୍ୟବହାର କରାଯାଉଛି ।
ରେଟ୍‌ସ କେବଳ ଥର୍ଡ ପାର୍ଟୀ ସକାଶେ ଧାର୍ଯ୍ୟ ହୋଇଛି* କୌଣସି ଶବ୍ଦ ବା ଅର୍ଥକୁ ସ୍ପଷ୍ଟ ଭାବରେ ବୁଝିବା ପାଇଁ ଦୟାକରି ଇଂରାଜୀ ବ୍ରୋଚରକୁ ଦେଖନ୍ତୁ*

RGI/MCOM/CO/RTWPP/BR/VER.2.0/131120.

ଆମକୁ ଏଠାରେ ମିଶନ୍ତୁ:

An ISO 9001:2015 Certified Company

## ଆମେ ଏସବୁକୁ କଭର କରିବା ପାଇଁ ପ୍ରତିଶ୍ରୁତି ଦେଉ

### ଗାଡ଼ିର କ୍ଷୟକ୍ଷତି (ମୋଟରଯାନ ଅଧିନିୟମ ଅନୁସାରେ)

- ମରାମତି/ପରିବର୍ତ୍ତନ ପାଇଁ ଖର୍ଚ୍ଚ ହୋଇଥିବା ପ୍ରକୃତ ପରିମାଣ
- ଟାୟାରର କ୍ଷୟକ୍ଷତି (ପରିବର୍ତ୍ତନମୂଲ୍ୟର 50%) ପ୍ଲାଷ୍ଟିକ୍/ରବର ଅଂଶ (50%), ଫାଇବର ଗ୍ଲାସ ଉପାଦାନ (30%) ଏବଂ ଗ୍ଲାସ ଅଂଶ (ନାହିଁ)
- କାଠ ଅଂଶ ସହିତ ଅନ୍ୟାନ୍ୟ ଅଂଶର କ୍ଷୟକ୍ଷତି

### ତୃତୀୟ ପକ୍ଷ ଦାୟବଦ୍ଧତା (ମୋଟରଯାନ ଅଧିନିୟମ ଅନୁସାରେ)

- ତୃତୀୟ ପକ୍ଷଙ୍କର ମୃତ୍ୟୁ କିମ୍ବା ଶାରିରୀକ କ୍ଷୟକ୍ଷତି
- ଦୁଇ ଚକିଆ ଯାନରେ ବସିଥିବା କୌଣସି ବ୍ୟକ୍ତିଙ୍କର ମୃତ୍ୟୁ କିମ୍ବା ଶାରିରୀକ କ୍ଷୟକ୍ଷତି, ଏହା ବ୍ୟବସ୍ଥା ରହିବ ଯେ ସେ ବୀମାକୃତ ବ୍ୟକ୍ତିଙ୍କ କର୍ମଚାରୀ ହୋଇନଥିବେ ଏବଂ ଭଡ଼ା କିମ୍ବା ରିୱାର୍ଡ଼ ପାଇଁ ଯାଉନଥିବେ।
- ତୃତୀୟପକ୍ଷଙ୍କ ସମ୍ପତ୍ତିର କ୍ଷୟକ୍ଷତି

## କ୍ଲେମ୍ କରିବାର ସରଳ ସୋପାନସବୁ

ତୁରନ୍ତ ଆପଣଙ୍କ କ୍ଲେମ୍‌କୁ 18003009 ରେ କଲ୍ କରି ସୂଚୀତ କରନ୍ତୁ କିମ୍ବା ରିଲାଏନ୍‌ସ ସେଲ୍‌ଫି ଆପ୍ ବ୍ୟବହାର କରନ୍ତୁ।

ଆପଣଙ୍କର ଦୁଇଚକିଆକୁ ମରାମତି ପାଇଁ ଯେକୌଣସି ଗ୍ୟାରେଜକୁ ନେଇ ଯାଆନ୍ତୁ।

**କ୍ୟାସଲେସ କ୍ଲେମ୍ ପାଇଁ –** ଆମ କମ୍ପାନୀର ସ୍ୱୀକୃତିପ୍ରାପ୍ତ ନେଟୱର୍କ ଗ୍ୟାରେଜ୍ ଦ୍ୱାରା ମରାମତି ପାଇଁ ଆପଣଙ୍କ ଟୁ-ହୁଇଲରକୁ ନିଅନ୍ତୁ। ଆମେ ଗ୍ୟାରେଜ୍ ସହିତ ପ୍ରତ୍ୟକ୍ଷ ଭାବରେ ମରାମତି ବିଲ୍ ସେଟେଲ୍ କରିବୁ ଓ ସେହି ଅନୁସାରେ ପରିମାଣ ପ୍ରଦେୟ ହେବ।

**କ୍ଲେମ୍‌ର ପ୍ରତିପୂରଣ ପାଇଁ –** ଯଦି ଆପଣ ନିଜ ପସନ୍ଦର ଗୋଟିଏ ଗ୍ୟାରେଜକୁ ବାଛୁଛନ୍ତି ତେବେ ମରାମତି ଚାର୍ଜ ଆପଣ ବହନ କରିବେ ଓ ତାପରେ ମରାମତି ବିଲକୁ ଦାଖଲ କରି ସେଟେଲମେଣ୍ଟ ପାଇଁ ଆମ ଠାରୁ ରସିଦ୍ ନେଇ ପାରିବେ।

ସର୍ଭେୟର/ଆରଜିଆଇଙ୍କୁ ଆବଶ୍ୟକୀୟ ନଥିପତ୍ର ପ୍ରଦାନ କରନ୍ତୁ ଓ ତାପରେ ସର୍ଭେୟର/ଆରଜିଆଇଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆକଳନ ଅନୁସାରେ ମରାମତି ପାଇଁ ଯାଆନ୍ତୁ।

ଥରେ କାରଟି ମରାମତି ହୋଇ ସାରିବା ପରେ ଏବଂ ଆରଜିଆଇଙ୍କୁ ଇନଭଏସ୍ ଦାଖଲ କରିବା ପରେ ଆରଜିଆଇ ସେହି ଅନୁସାରେ ଦେୟତା ସୁନିଶ୍ଚିତ କରିବେ ଓ ଗାଡ଼ିକୁ ପ୍ରଦାନ କରିବେ।

## ଆମେ ଆପଣଙ୍କ ଓ ସେମାନଙ୍କୁ ମଧ୍ୟ କଭର କରିଥାଉ

ଏହି ବ୍ୟାପକ କଭର ମଧ୍ୟରେ ରହିବ ଆପଣଙ୍କ ଦୁଇ ଚକିଆ ଯାନର କ୍ଷୟକ୍ଷତିଜନିତ କଭର ଏବଂ ଏହା ବ୍ୟତୀତ ତୃତୀୟ ପକ୍ଷ ସମ୍ପତ୍ତି କିମ୍ବା କ୍ଷତିଗ୍ରସ୍ତ ହୋଇଥିବା ଯାନ ମଧ୍ୟ।

## ଏହି ପଲିସୀ ଅଧିନରେ ବିପଦକୁ କଭର କରାଯାଏ

ପଲିସି ନିମ୍ନଲିଖିତ କାରଣରୁ ଗାଡ଼ିକୁ ହୋଇଥିବା କ୍ଷୟକ୍ଷତି ବା ହାନୀର କଭର କରିଥାଏ :

- ଦୁର୍ଘଟଣା
- ନିଆଁ ଲାଗିବା
- ଚଡ଼ଚଡ଼ି
- ସେଲ୍‌ଫ-ଇଗ୍ନିଶନ୍
- ଏକ୍ସପ୍ଲୋଜନ୍
- ଚୋରି, ରାୟଟ୍ ଆଉ ଷ୍ଟ୍ରାଇକ୍ସ ଓ/ବା ମାଲିସିଅସ୍ ଆକ୍ଟସ
- ଟେରରିଜମ୍
- ଭୂମିକମ୍ପ
- ବନ୍ୟା
- ଝଡ଼ବାତ୍ୟା
- ଜଳ ପ୍ଲାବନ
- ରେଳ, ରାସ୍ତା, ଗଗନ ଓ ଏଲିଭେଟର୍ ଦ୍ୱାରା ଗମନ

## ଏହା ସହିତ ଏହି ପଲିସୀରେ ସବୁକିଛିକୁ କଭର କରେ^

ଆମେ ଚାହୁଁ ଆପଣଙ୍କର ସବୁକିଛିକୁ କଭର କରିବା। କିନ୍ତୁ ଆମେ ଏହା ସୁନିଶ୍ଚିତ କରୁ ଯେ ଦାବୀ କରୁଥିବା ସମୟରେ ଆପଣଙ୍କ ମାର୍ଗରେ କୌଣସି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ନହେଉ। ତେଣୁ ଏଥିପାଇଁ ଏହି ପଲିସୀ ଅଧିନରେ କେତେକ ପ୍ରମୁଖ ଅପବର୍ଜନ ବ୍ୟବସ୍ଥା ରହିଛି।

- ଯାନର ସର୍ବସାମାନ୍ୟ କ୍ଷୟ-କ୍ଷତି
- ମେକାନିକଲ୍ ଓ ଇଲେକ୍‌ଟ୍ରିକଲ୍ ବ୍ରେକ୍‌ଡାଉନ୍
- ବ୍ୟବହାର କରାଯିବା ସୀମିତତା ପରିବର୍ତ୍ତେ ଅନ୍ୟ ପ୍ରକାରେ ଯାନ ବ୍ୟବହାର କରାଯାଉଥିବ। ଓଦା. ରୂପେ, ଯଦି ଆପଣ ନିଜ ଟୁ-ହ୍ୱୀଲର୍ କୁ ରୋଜଗାର ପାଇଁ ବ୍ୟବହାର କରୁଥିବେ।
- ବୈଧ ଡ୍ରାଇଭିଙ୍ଗ ଲାଇସେନ୍‌ସ ନଥିବା ଚାଳକଙ୍କୁ ବା ଚାଳକଙ୍କ ଦ୍ୱାରା ହେବା କ୍ଷତି
- ଆଲ୍‌କୋହଲ୍ ବା ଅନ୍ୟ କିଛି ନିଶା ଦ୍ରବ୍ୟର ପ୍ରଭାବରେ ଚଳାଉଥିବା ବେଳେ ହୋଇଥିବା ହାନୀ ବା କ୍ଷତି
- ଯାନ ମୂଲ୍ୟରେ ଘଟିଥିବା ଡେପ୍ରିସିଏଶନ୍ ଜନିତ ହାନୀ ବା କ୍ଷତି
- ଫଳାଫଳ ଜନିତ ହାନୀ – ମୂଳ ଡ୍ୟାମେଜ୍ ଆଉ କିଛି ଡ୍ୟାମେଜ୍/ହାନୀ ଘଟାଇଲେ, କେବଳ ମୂଳ ଡ୍ୟାମେଜ୍ କଭର୍ କରାଯିବ ।
- ବାଧ୍ୟତାମୂଳକ କଟାଣସବୁ – ଦାବି ବେଳେ କଟିବା ନିର୍ଦ୍ଧାରିତ ରାଶି

^ଏହି ସୂଚୀ ନିଦର୍ଶକ ଅଟେ । ଜେନେରଲ୍ ଓ ପର୍ମାନେଣ୍ଟ ଏକ୍ସକ୍ଲୁସନ୍‌ସ ବୁଝିବା ସକାଶେ ଆମ ୱେବ୍‌ସାଇଟ୍ www.reliancegeneral.co.in ରେ ଥିବା ପ୍ରସ୍‌ପେକ୍ଟସ୍/ପଲିସୀ ଶବ୍ଦାବଳୀଙ୍କୁ ପଢ଼ନ୍ତୁ ।

Digital India Power To Empower | RELIANCE GENERAL INSURANCE | CSC e-Governance Services India Limited

ମୋଟର
ଇନ୍‌ସ୍ୟୋରାନ୍‌ସ

# ରିଲାଏନ୍‌ସ ଟୁ-ହୁଇଲର ପ୍ୟାକେଜ୍ ପଲିସୀ

## ଯାତ୍ରା କଷ୍ଟକର ବା ସୁଗମ ହେଉନା କାହିଁକି ଆମେ ତାହାକୁ ତୁରନ୍ତ କଭର କରିଥାଉ

Tech+ ❤ = Live Smart





କାର୍ଯ୍ୟ ପାଇଁ ଏକ ନୂଆ ଟାଉନକୁ ଯାତ୍ରା କରିବା କିମ୍ବା କଲେଜରେ ଭଲ ଗ୍ରେଡ ରଖିବା ଯେକୌଣସି କାରଣ ହେଉ ନା କାହିଁକି ଏକ ନୂତନ ଦୁଇ ଚକିଆ ଗାଡ଼ି ପାଇବା ସବୁବେଳେ ଜଣଙ୍କ ପାଇଁ ଏକ ଆନନ୍ଦର ବିଷୟ ହୋଇଥାଏ । ତେଣୁ ପରିସ୍ଥିତି ଯାହା ହେଉ ନା କାହିଁକି ଆପଣ ଚାହିଁବେ ନିଜ ଦୁଇ ଚକିଆ ଯାନରେ ଏକ ଆରାମଦାୟକ ଯାତ୍ରା କରିବା ଏବଂ ଏକ ସମସ୍ୟାମୁକ୍ତ ବୀମା କରିବା ଯଦ୍ୱାରା ଆପଣଙ୍କ ଯାତ୍ରା କଷ୍ଟକର ହେଉଥିବା ସମୟରେ ଆପଣଙ୍କୁ ଏହା ସହାୟତା ପ୍ରଦାନ କରି ମାର୍ଗକୁ ସୁଗମ କରିବ। ସେଥିପାଇଁ, ଆମେ ରିଲାଏନ୍‌ସ ଜେନେରଲ୍ ଇନ୍‌ସ୍ୟୋରାନ୍‌ସରେ ଆପଣଙ୍କ ପାଇଁ ନେଇ ଆସିଛୁ ଏକ ବୀମା ସୁରକ୍ଷା ବ୍ୟବସ୍ଥା ଯାହା ଆପଣଙ୍କୁ ତୁରନ୍ତ ସହାୟତା ପାଇଁ ଉପଯୁକ୍ତ ପ୍ରଯୁକ୍ତିଗତ ସୁବିଧା ଦେବା ସହିତ ଆପଣଙ୍କ ଦୁଇ ଚକିଆ ଯାନ ପାଇଁ ଆବଶ୍ୟକୀୟ ସମ୍ପୂର୍ଣ ଯତ୍ନ ନେଇପାରିବ।

**ରିଲାଏନ୍‌ସ ଟୁ-ହୁଇଲର ପ୍ୟାକେଜ୍ ପଲିସୀ ହେଉଛି ନୂଆ ଉପାୟ *Live* Smart Tech + ♥ ସହିତ ।**

ଆପଣଙ୍କର ଦୁଇ ଚକିଆ ଯାନ ପାଇଁ ମୋଟର ଯାନ ଅଧିନିୟମ ଅନୁସାରେ ତୃତୀୟ ପକ୍ଷ ଦାୟବଦ୍ଧତା କଭର ବାଧ୍ୟତାମୂଳକ।

## ଆମକୁ ବାଛିବାର 5 ଟି ପ୍ରମୁଖ କାରଣ

### ବାସ୍ତବରେ ଶୀଘ୍ର ବୋଲି ଆମେ କହିପାରିବା !

ଏକ ବୀମା ପଲିସୀ କ୍ରୟ କରିବା ଆପଣଙ୍କ ପାଇଁ କଷ୍ଟକର ବୋଲି ଆପଣ ଭାବିପାରନ୍ତି। ତେଣୁ ଆମେ ଆପଣଙ୍କୁ ଏବିଷୟରେ ଅଧିକ ଚିନ୍ତା ନକରିବା ପାଇଁ ପରାମର୍ଶ ଦେଉଛୁ। ଆପଣଙ୍କୁ କେବଳ ଆପଣଙ୍କର ପୁରୁଣା ପଲିସୀ ଓ ଆପଣଙ୍କର ଫୋନର କ୍ୟାମେରା ଆବଶ୍ୟକ। ଏହା ସହିତ ଆମେ ଆପଣଙ୍କର ପଲିସୀଟିକୁ 60 ସେକେଣ୍ଡ ମଧ୍ୟରେ ପ୍ରସ୍ତୁତ କରିବୁ। କେବଳ ସ୍କାନ କରନ୍ତୁ, ରିଭ୍ୟୁ କରନ୍ତୁ ଓ ରିଲାଏନ୍‌ସ ସେଲ୍‌ଫୀ ଆପରେ ଓସିଆର ଟେକ୍‌ନୋଲୋଜିର ବ୍ୟବହାର କରି ପଇଠ କରନ୍ତୁ। ତେଣୁ ଆମେ ଏହାକୁ କୁଇକ୍ ବୋଲି କହିଥାଉ।

### ଗୋଟଏ ପଲିସୀ ବିଭିନ୍ନ ଆବଶ୍ୟକତା

ଆମେ ଏହାକୁ ବାଛିବା ପାଇଁ ଆପଣଙ୍କୁ ସ୍ୱାଧୀନତା ଦେଇଥାଉ। ଏକ ବୀମା କଭର ଆପଣଙ୍କୁ ସୁରକ୍ଷା ସୁବିଧା ପ୍ରଦାନ କରେ ଯାହା ହେଉଛି ସମସ୍ତ ଦୁଇ ଚକିଆ ଗାଡ଼ି ପାଇଁ ସାଧାରଣ କଥା କିନ୍ତୁ ସୁରକ୍ଷାର ଏହି ଆବଶ୍ୟକତା ସର୍ବଦା ପରିବର୍ତ୍ତିତ ହୋଇଥାଏ ଯାହାକି ଆପଣଙ୍କର ଗାଡ଼ି ଚାଳନା ଉପରେ ନିର୍ଭର କରେ। ତେଣୁ ଆମ ସହିତ ଆପଣ ଆପଣଙ୍କର ଆବଶ୍ୟକତା ଅନୁସାରେ ଆଡ୍-ଅନ ସମୂହକୁ ବାଛିବାର ବିକଳ୍ପ ରହିଛି।

### ଆପଣ ଯେଉଁଠାରେ ଥାଆନ୍ତୁ ନା କାହିଁକି ଏହା ଆପଣଙ୍କ ସହିତ ରହିଛି

ଏକ ବ୍ୟାପକ 1200+ ନେଟ୍‌ୱର୍କ ଗ୍ୟାରେଜ୍ କୁ ନେଇ ଆମେ ସହରର ଯେକୌଣସି ଅଂଶରେ ଆପଣଙ୍କ ପାଇଁ ରହିଛୁ ଓ ସବୁଠାରୁ ଉତ୍ତମ ଅଂଶଟି ହେଉଛି ଆମେ ସବୁ ସମୟରେ କ୍ୟାସଲେସ୍ ଦାବୀ ସୁବିଧା ପ୍ରଦାନ କରିଥାଉ। ଯାହାର ଅର୍ଥ ଆପଣଙ୍କ ଦୁଇଚକିଆ ଯାନ ମରାମତି ହୋଇଯିବା ହେତୁ ଆପଣ ନିଜର ମାନସିକ ଶାନ୍ତି ପାଇଥାନ୍ତି ଏବଂ ଆମେ ସିଧାସଳଖ ଭାବରେ ସେହି ଗ୍ୟାରେଜ୍ ସହିତ ଦାବୀକୁ ସମାଧାନ କରିଥାଉ।

### ଆମେ ମାତ୍ର ଏକ ଭିଡିଓ ଷ୍ଟ୍ରିମର ଦୂରତାରେ ରହିଛୁ

ଟ୍ରାଫିକରେ କିମ୍ବା ହାଇୱେରେ ଆପଣଙ୍କର ଦୁଇ ଚକିଆ ଗାଡ଼ିଟି ବ୍ରେକ ଡାଉନ ହେତୁ ଅଟକି ଯିବା କ୍ଷେତ୍ରରେ କେବଳ ଆପଣଙ୍କ ଫୋନକୁ ଟ୍ୟାପ କରନ୍ତୁ, ରିଲାଏନ୍‌ସ ସେଲ୍‌ଫୀ ଆପକୁ ଖୋଲନ୍ତୁ ଓ ତତ୍କାଳ ସହାୟତା ପାଇବା ପାଇଁ ଆମ ସହିତ ଲାଇଭ୍ ଭିଡିଓ ଷ୍ଟ୍ରିମ କରନ୍ତୁ। ଆମେ ତୁରନ୍ତ ସେହି ସ୍ଥାନରେ ଗାଡ଼ିର ମରାମତି ପାଇଁ ତତ୍କାଳ ସହାୟତା ବ୍ୟବସ୍ଥା ପ୍ରଦାନ କରିବୁ କିମ୍ବା ଏହାର ମରାମତି ପାଇଁ ଏହାକୁ ନିକଟତମ ଗ୍ୟାରେଜକୁ ନେଇଯିବୁ।

### କ୍ଲେମ୍ ନଥିଲେ, ବୋନସ ସୁବିଧା ରହିଛି

ପଲିସୀ ଅବଧିରେ ଦାବୀ ନରହିବା ହେଉଛି ଏକ ଭଲ ଖବର। ଉଭୟ ଆପଣଙ୍କର ଦୁଇ ଚକିଆ ଯାନ ଓ ଆପଣଙ୍କର ବୀମା ପ୍ରିମିୟମ ପାଇଁ ଏହା ଲାଭଦାୟକ କାରଣ ଆପଣ ଏନସିବି ସହିତ ପ୍ରିମିୟମ ଉପରେ 50% ଡିସକାଉଣ୍ଟ ଜମା କରିପାରିବେ। (ନୋ କ୍ଲେମ୍ ବୋନସ)। ଆଉ ମଧ୍ୟ ସ୍ୱେଚ୍ଛାକୃତ ଡିଡକ୍ଟିବଲ୍ ସୁବିଧା ରହିଚି ଯଦ୍ୱାରା ପ୍ରିମିୟମ ପରିମାଣକୁ କମ୍ କରାଯାଇପାରେ। ₹500 ରୁ ₹1500 ମଧ୍ୟରେ ଏକ ଡିଡକ୍‌ଟିବଲକୁ ବଛା ଯାଇପାରେ ଯାହାକି ପ୍ରିମିୟମକୁ 5% ରୁ 20% ପର୍ଯ୍ୟନ୍ତ ହ୍ରାସ କରିପାରେ।

## ଆଡ୍-ଅନ୍ ! କାରଣ ଆପଣ ତାହାକୁ ଚାହିଁଥାନ୍ତି

### ବିନା ଡେପ୍ରିସିଏସନ ରେ ଫୁଲ୍ ଅନ୍ ସୁରକ୍ଷା

ଯେତେବେଳେ ଆପଣ ଏକ ବିସ୍ତୃତ କଭର ଯଥା ଏହିପରି ଦାବୀ କରନ୍ତି ସେ କ୍ଷେତ୍ରରେ ପରିବର୍ତ୍ତନ କରାଯାଇଥିବା ଅଂଶର ମୂଲ୍ୟକୁ ହ୍ରାସ କରିବା ପରେ କ୍ଲେମ୍ ପଇଠ କରାଯାଇଥାଏ। ବିଶେଷ ଭାବରେ ଯେଉଁଗୁଡ଼ିକ, ରବର, ନାଇଲନ୍, ଫାଇବର ଇତ୍ୟାଦିରେ ତିଆରି ହୋଇଥାଏ। ଏକ ନିଲ୍ ଡେପ୍ରିସିଏସନ କଭର କିମ୍ବା ବମ୍ପର ଟୁ ବମ୍ପର କଭର ବର୍ତ୍ତମାନ ବିଶେଷ ଭାବରେ ଜଣାଶୁଣା ଯାହା ଆପଣଙ୍କୁ ଏହି କାଟତିରୁ ସୁରକ୍ଷା ଦେବ ଓ ଆପଣଙ୍କୁ ସମଗ୍ର କ୍ଷତିପୂରଣ ମିଳିପାରିବ। ତେଣୁ ଯଦି ଆପଣ ଗୋଟିଏ ନୂତନ ବାଇକ୍ କିଣୁଛନ୍ତି କିମ୍ବା ନୂତନ ରାଇଡର ଭାବରେ ଯାତ୍ରା କରୁଛନ୍ତି କିମ୍ବା ଏକ ଜନଗହଳିପୂର୍ଣ ଟ୍ରାଫିକ୍ ଥିବା ସହର ଭିତରେ ଗାଡ଼ି ଚଳାଉଛନ୍ତି ତେବେ ଏହାକୁ ବାଛନ୍ତୁ ।

### ଦୈନିକ ଯାତ୍ରା ପ୍ରତି କଦାପି ଅବହେଳା କରନ୍ତୁ ନାହିଁ

କ୍ଷୟକ୍ଷତି ଯେକୌଣସି ସମୟରେ ଦେଖାଯାଇପାରେ। ଏହାକୁ ଏଡ଼ା ଯାଇପାରିବ ନାହିଁ। ଅବଶ୍ୟ ଆମେ ଏହା ଚାହିଁ ନଥାଉ ଯେ ଆମର ଗାଡ଼ିଟି ଏପରି ଅବସ୍ଥାରେ ରହୁ ବା ଗ୍ୟାରେଜରେ ମରାମତି ପାଇଁ ଆସୁ ଓ ଆମକୁ ଏକୁଟିଆ ଯାତ୍ରା କରିବାକୁ ପଡୁ। ସମସ୍ୟା ସେତେବେଳେ ଆରମ୍ଭ ହୋଇଥାଏ ଯେତେବେଳେ ଆପଣଙ୍କୁ ଯାତ୍ରା କରିବା ପାଇଁ ଅଧିକ ଖର୍ଚ୍ଚ କରିବାକୁ ହୋଇଥାଏ। କିନ୍ତୁ ବ୍ୟସ୍ତ ହୁଅନ୍ତୁ ନାହିଁ, କାରଣ ଆମର ଡେଲି ଆଲାଉନ୍‌ସ ସୁବିଧା# ଆଡ୍ ଅନ୍ ଆପଣଙ୍କ ପାଇଁ ଦିନକୁ ₹5000 ପର୍ଯ୍ୟନ୍ତ ଏକ ଆଲାଉନ୍‌ସ ଲିମିଟ୍ ପ୍ରଦାନ କରିବ, ଯଦି ଆପଣଙ୍କ ଗାଡ଼ିଟି ମରାମତି ପାଇଁ ଦୁଇ ଦିନରୁ ଅଧିକ ସମୟ ଧରି ଏକ ସ୍ୱୀକୃତିପ୍ରାପ୍ତ ନେଟୱର୍କ ଗ୍ୟାରେଜରେ ରହେ।



## ଆପଣଙ୍କ ପାଇଁ ଆଉ 2 ଟି ସୁବିଧା

### ଗାଡ଼ି ଅଟକିପାରେ କିନ୍ତୁ ଇଏମଆଇ ନୁହେଁ

ବେଳେବେଳେ କ୍ଷୟକ୍ଷତିର ଉପଶମ ପାଇଁ ସମୟ ଲାଗିପାରେ, କେବଳ ଆମ ପାଇଁ ନୁହେଁ ଆପଣଙ୍କର ଦୁଇଚକିଆ ଯାନ ପାଇଁ ମଧ୍ୟ। ଯେତେବେଳେ ଆପଣଙ୍କର ଗାଡ଼ିଟି 30 ଦିନରୁ ଅଧିକ ସମୟ ଧରି ଏକ ସ୍ୱୀକୃତିପ୍ରାପ୍ତ ସର୍ଭିସ୍ ସେଣ୍ଟରରେ ମରାମତି ହେଉଥାଏ, ଏହି ସମୟରେ ଆମେ ଆପଣଙ୍କର ଅଟୋ-ଲୋନ୍ ଇଏମଆଇର ଯତ୍ନ ନେଇଥାଉ। ହଁ, ଏହି ଇଏମଆଇ ସୁରକ୍ଷା କଭର ସହିତ ଆମେ ଆପଣଙ୍କର ଦୁଇ-ଚକିଆ ଗାଡ଼ି ଋଣର 3 ଟି ଇଏମଆଇ ପ୍ରଦାନ କରିଥାଉ। ଯଦି ଆପଣ ଏକ ଋଣ ସହାୟତାରେ ନିଜର ବାଇକକୁ କିଣିଥାନ୍ତି କିମ୍ବା ଅଧିକ ଦିନ ଧରି ଏହା ମରାମତି ହେଉଥାଏ ତେବେ ଏଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ ଓ ଏହି ସୁବିଧାର ଲାଭ ପାଆନ୍ତୁ ଯଦ୍ୱାରା ଆପଣଙ୍କର ଆର୍ଥିକ ସଞ୍ଚୟ ମଧ୍ୟ କ୍ଷତିଗ୍ରସ୍ତ ହୋଇନଥାଏ।

### ହେଲ୍‌ମେଟ୍ ହେଉଛି ଜରୁରୀ ଓ ଏହାର କଭର ମଧ୍ୟ

ହେଲମେଟ୍ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ ଓ ଦରକାରୀ ଉପକରଣ ଯାହା ଆପଣଙ୍କ ଦୁଇ ଚକିଆ ଯାନ ଯାତ୍ରାକୁ ନିରାପଦ ରଖିଥାଏ । ତେଣୁ ଏଥିରେ କୌଣସି ପ୍ରକାର ସାଲିସ୍ କରନ୍ତୁ ନାହିଁ ଏବଂ ସେହିପରି ଏହାର ବୀମା କଭରରେ ମଧ୍ୟ ଅବହେଳା କରନ୍ତୁ ନାହିଁ। ହେଲମେଟ୍ କଭର** ଆଡ ଅନ୍ ଦ୍ୱାରା ଆପଣଙ୍କର ହେଲ୍‌ମେଟ ନଷ୍ଟ ହେବା କ୍ଷେତ୍ରରେ ବିମିତ ଗାଡ଼ି ସହିତ ସଂପୃକ୍ତ ଥିବା ସେହି ପ୍ରକାରର ଓ ମଡେଲର ହେଲମେଟକୁ ବଦଳାଇବା ମୂଲ୍ୟ ବାବଦକୁ ଆଲାଉନ୍‌ସ ପାଇ ପାରିବେ।

#ଦିନକୁ ଆଲାଉନ୍‌ସର ସୀମା ₹5000/-। ଏକକାଳୀନ ଚୋରି ଲାଭ, ଯଦି ଗାଡ଼ିଟି <=90 ଦିନ ମଧ୍ୟରେ ପୁନରୁଦ୍ଧାର ନହୁଏ ଏବଂ ପ୍ରତି ପଲିସି ଅବଧି ପାଇଁ ଦୁଇଟି ଦାବୀ ପ୍ରଯୁଜ୍ୟ।
**ପଲିସି ଅବଧି ମଧ୍ୟରେ ସର୍ବାଧିକ ଗୋଟିଏ ଦୁର୍ଘଟଣା ପାଇଁ କେବଳ ଉପଲବ୍ଧ ହେବ ଓ ଏହା ଚୋରି ଦାବୀ ପାଇଁ ପ୍ରଯୁଜ୍ୟ ହେବ ନାହିଁ। ବୀମାକାରୀଙ୍କ ଦ୍ୱାରା ବଛା ଯାଇଥି ବା ବୀମା ଅର୍ଥର 5% କାଟ ହୁଏ ଓ ଅବକ୍ଷୟ ବା କ୍ଷୟକ୍ଷତି କାରଣରୁ କ୍ଷୟକ୍ଷତିକୁ କଭର କରାଯିବ ନାହିଁ।